# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 July – 2026

*******************************

## ମୁଖ୍ୟ ସମ୍ବାଦ

- ଶରଧାବାଲିରେ ପହଞ୍ଚିଲା ତାଳଧ୍ୱଜ ଓ ଦର୍ପଦଳନ; ଶ୍ରୀଗୁଣ୍ଡିଚା ଅଭିମୁଖେ ମହାପ୍ରଭୁଙ୍କ ନନ୍ଦୀଘୋଷ ରଥ

- ଦେଶର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍‌ର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

— ଅପରାହ୍ଣରେ ଓଡ଼ିଶାର ୭ଟି ଅମୃତ ଭାରତ ଷ୍ଟେସନର କରିବେ ଉଦ୍‌ଘାଟନ

- 'ବିଶ୍ୱରେ ନ୍ୟାୟ, ଉତ୍ତରଦାୟିତ୍ୱ ଓ ମାନବାଧିକାର ପ୍ରସାର'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ଅନ୍ତର୍ଜାତୀୟ ନ୍ୟାୟ ଦିବସ'

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

— ଚଳିତ ମାସ ପହିଲାରୁ ଆଜି ସୁଦ୍ଧା ୧୭ ପ୍ରତିଶତ ଅଧିକ ବର୍ଷା ରେକର୍ଡ

# ପୁରୀ - ରଥଯାତ୍ରା

ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନାତ୍ମକ ଯାତ୍ରା କରୁଛନ୍ତି। ଆଜି ଦ୍ୱିତୀୟ ଦିନରେ ଶ୍ରୀଜୀଉମାନଙ୍କ ରଥଟଣା କାର୍ଯ୍ୟ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଗହଣରେ ଜାରି ରହିଛି। ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ  ରଥ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ  ରଥ ଶ୍ରୀଗୁଣ୍ଡିଚା ନିକଟ ଶରଧାବାଲିରେ ପହଞ୍ଚି ସାରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶରଧାବାଲି ଅଭିମୁଖେ ଯାତ୍ରା କରୁଛି। ଆଜି ସକାଳ ସାଢ଼େ ୯ଟାରେ ପୁଣିଥରେ ରଥଟଣା ଆରମ୍ଭ ହୋଇଥିଲା। ରଥଟଣା ସମେତ ରଥଯାତ୍ରା ସହ ଜଡ଼ିତ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସମ୍ପନ୍ନ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ବଡ଼ଦାଣ୍ଡ ଘଣ୍ଟ-ଘଣ୍ଟା, ହରିବୋଲ, ହୁଳହୁଳି ଓ ଜୟ-ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଉଛି। ଆଜି ରଥ ଉପରେ ପୂର୍ଣ୍ଣାଙ୍ଗ ଦର୍ଶନ ଦେବେ ମହାପ୍ରଭୁ। ଆସନ୍ତାକାଲି ଶ୍ରୀଜୀଉମାନଙ୍କ ଆଡପବିଜେ ନୀତି ଅନୁଷ୍ଠିତ ହେବ।

# ପିଏମ୍-ହାଇଡ୍ରୋଜେନ ଟ୍ରେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ହରିୟାଣାର ଜିନ୍ଦ୍ ରେଳଷ୍ଟେସନରୁ ସୋନିପତ ମଧ୍ୟରେ ଦେଶର ପ୍ରଥମ ହାଇଡ୍ରୋଜେନ ଚାଳିତ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍ ରେଳବାଇ କ୍ଷେତ୍ରରେ ସ୍ୱଚ୍ଛ ଏବଂ ସ୍ଥାୟୀ ଗତିଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସ୍ୱଦେଶୀ ଜ୍ଞାନକୌଶଳରେ ଏହି ହାଇଡ୍ରୋଜେନ ଚାଳିତ ଟ୍ରେନ୍‌ର ବିକାଶ କରାଯାଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଜନସମାବେଶକୁ ଉଦ୍‌ବୋଧନ ଦେଇ କହିଛନ୍ତି ଗତ ୧୨ ବର୍ଷ ମଧ୍ୟରେ ଭାରତୀୟ ରେଳବାଇ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରାଯାଇଛି । ରେଳବାଇର ଆଧୁନିକୀକରଣ, ଦେଶର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିଛି। ଏକବିଂଶ ଶତାବ୍ଦୀର ରେଳ ହାଇଡ୍ରୋଜେନ୍ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O (PM)**

ଆଜି ଉଦ୍‌ଘାଟିତ ହୋଇଥିବା ଟ୍ରେନ୍‌ରେ ୩ ହଜାର ୨୦୦ ହର୍ଷ ପାୱାର ବିଶିଷ୍ଟ ଇଞ୍ଜିନ୍ ବ୍ୟବହାର କରାଯାଇଛି, ଯାହା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏବଂ ସର୍ବାଧିକ ହାଇଡ୍ରୋଜେନ୍ ଶକ୍ତି ପରିଚାଳିତ ଟ୍ରେନ୍ ।

ଏହି ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ରେଳ ଇଞ୍ଜିନିୟରିଂ କ୍ଷେତ୍ରରେ ଦେଶର ସାମର୍ଥ୍ୟ ବୃଦ୍ଧି ପାଇବାରେ ଲାଗିଛି । ଏହି ହାଇଡ୍ରୋଜେନ ଚାଳିତ ଟ୍ରେନ୍ କେବଳ ନିରାପଦ ନୁହେଁ ବରଂ, ଅଧିକ ଗତିଯୁକ୍ତ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**- V/O -**

ପ୍ରଧାନମନ୍ତ୍ରୀ ଆଜି ଅପରାହ୍ଣରେ ‘ଅମୃତ ଭାରତ ଷ୍ଟେସନ୍’ ଯୋଜନାରେ ନିର୍ମାଣ ହୋଇଥିବା ଦେଶରେ ୭୪ଟି ରେଳଷ୍ଟେସନ୍‌କୁ ଲୋକାର୍ପଣ କରିବେ।

ଏଥିରେ ଓଡ଼ିଶାର ୭ଟି ରେଳଷ୍ଟେସନ୍ ସାମିଲ ଥିବା ପୂର୍ବତଟ ରେଳବାଇ ସୂତ୍ରରୁ ସୂଚନା ମିଳିଛି। ବଲାଙ୍ଗିର, ବରପାଲି, କେସିଙ୍ଗା, ତାଳଚେର, ବାରିପଦା, ବିମଳାଗଡ଼ ଏବଂ ପାରଳାଖେମୁଣ୍ଡି ରେଳଷ୍ଟେସନ୍‌ର ଉଦ୍‌ଘାଟନ ହେବ। ଏହି ୭ଟି ଷ୍ଟେସନପାଇଁ ୧୦୯ କୋଟି ଟଙ୍କା ବ୍ୟୟ ହୋଇଛି। ପ୍ରଧାନମନ୍ତ୍ରୀ ପଞ୍ଜାବର ଜଳନ୍ଧରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଷ୍ଟେସନ୍‌ଗୁଡ଼ିକର ଉଦ୍‌ଘାଟନ କରିବେ । ଯାତ୍ରୀଙ୍କ ସୁବିଧାପାଇଁ ନୂତନ ଷ୍ଟେସନ ଭବନ ନିର୍ମାଣ କରାଯିବା ସହ ଗାଡ଼ି ଚଳାଚଳ ନିୟନ୍ତ୍ରଣପାଇଁ ପ୍ରବେଶପତ୍ରକୁ ପ୍ରଶସ୍ତ କରାଯାଉଛି । ଆରାମଦାୟକ ଯାତ୍ରାପାଇଁ ପ୍ଲାଟ୍‌ଫର୍ମଗୁଡ଼ିକରେ ଉନ୍ନତ ଆଶ୍ରୟସ୍ଥଳୀ, ଅତ୍ୟାଧୁନିକ ଅପେକ୍ଷାଗୃହ, ସ୍ୱଚ୍ଛ ଶୌଚାଳୟ ଏବଂ ଡିଜିଟାଲ୍ ଯାତ୍ରୀ ସୂଚନା ଫଳକ ଲଗାଯାଇଛି ।

ପ୍ରତ୍ୟେକ ଷ୍ଟେସନ୍‌ରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ହସ୍ତତନ୍ତ, ପାରମ୍ପରିକ ଶିଳ୍ପ ଓ ଆଦିବାସୀ କଳାକୁ ଚିତ୍ରିତ କରାଯାଇଛି । ଏହି ୭ଟି ଷ୍ଟେସନ୍‌ର ପୁନଃ ବିକାଶ ଭାରତୀୟ ରେଳବାଇର ଓଡ଼ିଶାର ସାମଗ୍ରୀକ, ସାମାଜିକ-ଅର୍ଥନୈତିକ ବିକାଶରେ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବେ।

## ମନ୍‌ସୁନ ସେସନ-ଅଲ୍ ପାର୍ଟି ମିଟିଂ

କେନ୍ଦ୍ର ସରକାର ସଂସଦର ମୌସୁମୀ ଅଧିବେସନ ପୂର୍ବରୁ ଆସନ୍ତା ରବିବାର ଦିନ ସମସ୍ତ ରାଜନୈତିକ ଦଳର ନେତାମାନଙ୍କ ବୈଠକ ଡାକିଛନ୍ତି । ବୈଠକରେ ସରକାର ସଂସଦର ଉଭୟ ଗୃହକୁ ସୁଚାରୁରୂପେ ପରିଚାଳନା ସୁନିଶ୍ଚିତ କରିବା ଲାଗି ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡିବେ। ଚଳିତମାସ ୨୦ ତାରିଖରୁ ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପରେ ଆଲୋଚନା ହେବା ସହ ମଞ୍ଜୁରୀ ପ୍ରଦାନ କରାଯିବାର ସମ୍ଭାବନା ରହିଛି ।

## ନ୍ୟାୟ ଦିବସ

ସମସ୍ତଙ୍କ ପାଖରେ ନ୍ୟାୟର ସୁଫଳ ପହଞ୍ଚାଇବା ଲକ୍ଷ୍ୟ ନେଇ ଆଜି ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଉଛି। ସମସ୍ତଙ୍କ ପାଇଁ ନ୍ୟାୟ, ବିଶ୍ୱ ଶାନ୍ତି ପ୍ରତିଷ୍ଠା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷ ନ୍ୟାୟ ଦିବସର ବିଷୟବସ୍ତୁ ରହିଛି **"ସାରା ବିଶ୍ୱରେ ନ୍ୟାୟ, ଉତ୍ତରଦାୟିତ୍ୱ ଓ ମାନବାଧିକାରର ପ୍ରସାର"** ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା....

ମାନବ ସଭ୍ୟତାର ବିକାଶ ସହିତ ନ୍ୟାୟର ଧାରଣା ମଧ୍ୟ କ୍ରମଶଃ ବିକଶିତ ହୋଇଛି। ନ୍ୟାୟ କେବଳ ଦୋଷୀକୁ ଦଣ୍ଡଦେବା ନୁହେଁ; ବରଂ ପୀଡିତଙ୍କ ଅଧିକାର ସୁରକ୍ଷା, ସତ୍ୟର ସ୍ଥାପନ ଏବଂ ଆଇନ୍‌ର ଶାସନକୁ ସୁନିଶ୍ଚିତ କରିବା

ଏହାର ମୂଳ ଉଦ୍ଦେଶ୍ୟ। ୧୯୯୮ ମସିହାରେ ଇଟାଲୀର ରୋମ୍ ସହରରେ ୧୨୦ରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧିଙ୍କ ଉପସ୍ଥିତିରେ ରୋମ୍ ଷ୍ଟାଚ୍ୟୁଟ୍ ଗ୍ରହଣ କରାଯାଇଥିଲା। ପରେ ୨୦୦୨ ମସିହାରେ ନେଦରଲାଣ୍ଡର ହେଗ୍ ସହରରେ ଆନ୍ତର୍ଜାତିକ ଅପରାଧ ଅଦାଲତ-ଆଇସିସି କାର୍ଯ୍ୟ ଆରମ୍ଭ କରିଥିଲା। ନ୍ୟାୟ କେବଳ ଏକ ଆଇନ୍‌ଗତ ବ୍ୟବସ୍ଥା ନୁହେଁ; ଏହା ସଭ୍ୟତାର ଆତ୍ମା। ଯେଉଁଠାରେ ନ୍ୟାୟ ପ୍ରତିଷ୍ଠା ହୁଏ; ସେଠାରେ ଶାନ୍ତି, ସମାନତା ଓ ମାନବିକତାର ବିକାଶ ହୋଇଥାଏ। ବର୍ତ୍ତମାନର ବୈଷୟିକ ପରିସ୍ଥିତିରେ ନ୍ୟାୟ ବ୍ୟବସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୌଣସି ବ୍ୟକ୍ତି କିମ୍ବା ଶକ୍ତି ଆଇନ୍‌ଠାରୁ ଊର୍ଦ୍ଧ୍ୱରେ ନୁହେଁ; ଏହି ବାର୍ତ୍ତାକୁ ଆନ୍ତର୍ଜାତିକ ନ୍ୟାୟ ଦିବସ ସୁଦୃଢ଼ କରିଥାଏ।

**ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ**

## ଯୁକ୍ତ ଦୁଇ ନାମଲେଖା

ଚଳିତ ଶିକ୍ଷାବର୍ଷପାଇଁ ରାଜ୍ୟର ଉଚ୍ଚ ମାଧମିକ ବିଦ୍ୟାଳୟଗୁଡ଼ିକରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୩ ଲକ୍ଷ ୮୨ ହଜାର ୮୩୫ ଜଣ ନାମ ଲେଖାଇଛନ୍ତି । ଆସନ୍ତା ୨୩ ତାରିଖରେ ନାମଲେଖାପାଇଁ ଦ୍ୱିତୀୟ ମେଧାତାଲିକା ପ୍ରକାଶ ପାଇବ ।

## ପାଠ୍ୟପୁସ୍ତକ ତ୍ରୁଟି

ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ବିଦ୍ୟାଳୟ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଆଜି ଓସେପାଠାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଜାରି ରହିଛି। ଡିଏସ୍‌ପି

ନରେନ୍ଦ୍ର ବେହେରାଙ୍କ ସମେତ ୫ ଜଣିଆ ଟିମ୍ ଏଥିରେ ସାମିଲ ଅଛନ୍ତି। ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ–ଏସ୍.ସି.ଇ.ଆର୍.ଟି.ରେ ତଦନ୍ତ କରାଯାଇଥିଲା। ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ଏସ୍.ସି.ଇ.ଆର୍.ଟି.'ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଗିରଫ କରାଯାଇଛି। ପୂର୍ବରୁ ଏହି ଘଟଣାରେ ତିନିଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବନ ଏବଂ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତ୍ରୁଟି ସମ୍ପର୍କିତ ସମଗ୍ର ପ୍ରକ୍ରିୟାର ଅପରାଧିକ ତଦନ୍ତ ଆରମ୍ଭ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ

**ଭଦ୍ରକ** ମହିଳା ମହାବିଦ୍ୟାଳୟରେ ୭ ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ୍ ଡକ୍ଟର ଅଭୟ କୁମାର ଦାଶ ଶିବିରରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ନେବା ପାଇଁ ପରାମର୍ଶ ଦେଇଥିଲେ।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୬ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା

ହେବାର ସମ୍ଭାବନା ରହିଛି । ଅତିପ୍ରବଳ ବର୍ଷା ନେଇ ୯ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ହାଟଡିହୀରେ ସର୍ବାଧିକ ୨୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଚଳିତମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୧୭ ପ୍ରତିଶତ ଅଧିକ ବର୍ଷା ହୋଇଥିବା ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି ବାଲେଶ୍ୱର ଜିଲ୍ଲା ମଥାନୀରେ ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଆସନ୍ତାକାଲି ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇପାରେ ବୋଲି ଶ୍ରୀ ରାଉତ କହିଛନ୍ତି।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୦୯ ଦଶମିକ ୭/୯ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ୨୮ ହଜାର ୬୪୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୨୮ ହଜାର ୬୪୪ ଘନଫୁଟ ଜଳ ନିଷ୍କାସିତ ହେଉଛି।